ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## 20.12.2022

ସର୍ବଭାରତୀୟ ପୋଲିସ ଭଲିବଲ କ୍ଲଷ୍ଟର 2022 ପ୍ରତିଯୋଗିତାର ଯୋଗ ବିଭାଗରେ ପଦକ ଜିତିଥିବା ଓଡିଶା ପୋଲିସ ଯୋଗ ଟିମର ପ୍ରତିଯୋଗୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି | ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ପ୍ରତିଯୋଗୀମାନେ ଆଜି ଅପରାହ୍ଣରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଶ୍ରୀ ବଂସଲଙ୍କୁ ସାକ୍ଷାତ କରିଥିଲେ | ଏହି ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଶ୍ରୀ ଆର. କେ. ଶର୍ମା ଉପସ୍ଥିତ ଥିଲେ |

ଉଲ୍ଲେଖଯୋଗ୍ୟ ଯେ ପଞ୍ଜାବର ଜଲନ୍ଧର ଠାରେ ଗତ ଡିସେମ୍ବର 10 ରୁ 15 ତାରିଖ ପର୍ଯ୍ୟନ୍ତ 71 ତମ ସର୍ବଭାରତୀୟ ପୋଲିସ ଭଲିବଲ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା | କଳାତ୍ମକ (ସିଂଗଲ) ପ୍ରତିଯୋଗିତାରେ ଏ.ଏସ.ଆଇ ଚନ୍ଦ୍ରକାନ୍ତ ବାରିକ, କଳାତ୍ମକ (ଗ୍ରୁପ) ରେ ଏ.ଏସ.ଆଇ ଚନ୍ଦ୍ରକାନ୍ତ ବାରିକ, ହୃଷୀକେଶ ନାୟକ, ଅମିୟ କୁମାର ପଟ୍ଟନାୟକ, ହାବିଲଦାର ରାମଚନ୍ଦ୍ର ମହାନ୍ତି, ସିପାହୀ ଦୀପ୍ତି ରଞ୍ଜନ ମହାନ୍ତ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବା ବେଳେ, କଳାତ୍ମକ (ଯୋଡି) ରେ ଏ.ଏସ.ଆଇ ଚନ୍ଦ୍ରକାନ୍ତ ବାରିକ, ହାବିଲଦାର ରାମଚନ୍ଦ୍ର ମହାନ୍ତ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି | ଏହି ସାକ୍ଷାତ ସମୟରେ ଏଆଇଜି (ମୁଖ୍ୟାଳୟ) ଶ୍ରୀ ସୁରେଶ ଚନ୍ଦ୍ର ଜେନା, ମ୍ୟାନେଜର ସ୍ୱଦେଶ କୁମାର ମହାନ୍ତି, ସ୍ପୋର୍ଟ୍ସ ବିଭାଗର ସେକ୍ସନ ଅଫିସର ମହମ୍ମଦ ସହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ |

20/12/22

PRO, SP Hdqrs, Cuttack.